ଧରିତ୍ରୀ
DHARITRI
ରବିବାର, ୧୦ ଏପ୍ରିଲ, ୨୦୨୨



## ସଂକ୍ଷେପରେ

### ଆମ୍ବତୋଟାରୁ ମହିଳାଙ୍କ ଗଳିତ ମୃତଦେହ ଠାବ

**ଛେଣ୍ଡିପଦା, ୯।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡ଼ା ଥାନା ତୁବେ ପଞ୍ଚାୟତ ଅନ୍ତର୍ଗତ ବଡ଼ବନ୍ଧ ଆମ୍ବତୋଟାରୁ ଶନିବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଠାବ କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ମହିଳାଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। କାରଣ ମୃତଦେହ ଏକ ରଶିରେ ଆମ୍ବଗଛରେ ଝୁଲିଥିବାବେଳେ ଅଧା ଶରୀର ମାଟିରେ ଲାଗିଛି। ତେଣୁ ସେ ଆତ୍ମହତ୍ୟା କରିଛନ୍ତି ନା କେହି ତାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଉଦ୍ୟମ କରିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ପାଇ ଥାନାଧିକାରୀ ସରୋଜକାନ୍ତ ସାମଲ ସଦଳବଳ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ମହିଳାଙ୍କ ବୟସ ୪୦ରୁ ୪୫ ବର୍ଷ ମଧରେ ହୋଇଥିବା ବେଳେ ୬ରୁ ୭ ଦିନ ମଧରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ରବିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଆସି ପଞ୍ଚନାମା କରିବେ। ଏହାପରେ ଜିଲା ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ କରିବାକୁ ନିଆଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସାମଲ କହିଛନ୍ତି।

### ପାର୍କ ପାଇଁ ୨ କୋଟି ମଞ୍ଜୁର

**ମାଧପୁର, ୯।୪:** ଆଠମଲ୍ଲିକ ବ୍ଲକ ମାନଜୋର ଡ୍ୟାମ୍‌ଠାରେ ପାର୍କ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ପତ୍ର ସଂଖ୍ୟା ୯୮୪/୨।୩।୨୦୨୨ରୁ ଜଣାପଡିଛି। ଏ ନେଇ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ତାଙ୍କ ସାମାଜିକ ଗଣମାଧମ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ପ୍ରତିବର୍ଷ ମାନଜୋର ଡ୍ୟାମ୍ ପରିଦର୍ଶନ ପାଇଁ ବହୁ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ଡ୍ୟାମ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ପାର୍କ ବ୍ୟବସ୍ଥା ନିମନ୍ତେ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲା। ମାନଜୋର ଡ୍ୟାମ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବା ସହିତ ଏହି ଡ୍ୟାମ୍ ପାଇଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ନେତାଙ୍କ ନାମରେ ପାର୍କ ନାମିତ କରାଯିବାକୁ ଦାବି ହେଉଛି। ଏ ସଂକ୍ରାନ୍ତରେ ମାନଜୋର ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ନାୟକ କୁହନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ଏହାକୁ ଅନୁମୋଦନ ମିଳିଛି। ଏହା ପ୍ରାଥମିକ ପର୍ଯ୍ୟାୟରେ ରହିଛି ବୋଲି ସେ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଚାଳକ ମୃତ

**କାମାକ୍ଷାନଗର, ୯।୪(ଡି.ଏନ୍.ଏ.)-** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାମାକ୍ଷାନଗର-କଙ୍କଡାହାଡ଼ ପୂର୍ତ୍ତ ବିଭାଗ ରାସ୍ତାର ତଣ୍ଡିମୁଣ୍ଡା ନିକଟରେ ଶନିବାର ପୂର୍ବାହ୍ନରେ ଦୁଃଖଦ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ କାର୍ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାମାକ୍ଷାନଗର ଥାନା ମହୁଲପାଳ ଗ୍ରାମର ସନ୍ତୋଷ ସାସ୍‌ମଲ (୨୪)। ସେ କୌଣସି କାମରେ କଙ୍କଡାହାଡ଼ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାର୍ ଚୁର୍‌ମାର୍ ହୋଇଯାଇଛି। କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ପିଲାଙ୍କୁ ନିୟମିତ ସ୍କୁଲ ଛାଡ଼ିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୯।୪:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅଭିଭାବକ ଏବଂ ଶିକ୍ଷକଙ୍କୁ ନେଇ ପିଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ କମିଟି ସଭାପତି ସସ୍ମିତା ପୋଥାଳ ସଭାପତିତ୍ୱ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ ଶିକ୍ଷଣ କାର୍ଯ୍ୟ, ମଧାହ୍ନ ଭୋଜନ, ଛାତ୍ରୀଛାତ୍ରଙ୍କ ଉପସ୍ଥାନ ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ବିଦ୍ୟାଳୟକୁ କେତେଜଣ ପିଲା ନିୟମିତ ଆସୁନାହାନ୍ତି। ଅଭିଭାବକଙ୍କ ସହ ସାକ୍ଷାତ୍ କରି ସେମାନଙ୍କୁ ସ୍କୁଲ୍ ପଠାଇବା ଲାଗି ପରାମର୍ଶ ଦେବାକୁ ଆଲୋଚନା ହୋଇଛି। ପରିଚାଳନା ପରିଷଦ ଉପସଭାପତି ନିର୍ମଳଚନ୍ଦ୍ର ବିହାରୀ, ସଭ୍ୟ ପ୍ରମୋଦ ପୋଥାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ମତୁଆଲା କଲେ ସଚେତ୍-ପରମ୍ପରା





ଆଶୁତୋଷ

**ଅନୁଗୋଳ ଅଫିସ୍, ୯।୪**

ବଲିଉଡ୍ ସିଙ୍ଗର ସଚେତ୍-ପରମ୍ପରା ଯୋଡ଼ିଙ୍କ ହିଟ୍ ନମ୍ବରରେ ମତୁଆଲା ହେଲେ ହଜାର ହଜାର ଦର୍ଶକ। ହସାଇ ହସାଇ ବେଦମ କଲେ ହାସ୍ୟ ଅଭିନେତା ରୋହିତ୍। ସିଙ୍ଗର ଆଶୁତୋଷଙ୍କ ଓଡ଼ିଆ ବିଟ୍ ମଞ୍ଚରେ ଭରିଲା ରୋମାଞ୍ଚ। ପାରମ୍ପରିକ ବେଶପୋଷାକରେ ଆଞ୍ଚଳିକ କଳାକାର ପରଷିଥିଲେ ମନଛୁଆଁ ନୃତ୍ୟ। ପୁରୀ ରଘୁରାଜପୁରର ନୃତ୍ୟଶିଳ୍ପୀଙ୍କ ଗୋଟିପୁଅ ଛନ୍ଦ ବିଭୋର କରିଥିଲା ଦର୍ଶକଙ୍କୁ। ଅନୁଗୋଳ ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚ ଦୁଲୁକିଥିଲା ଏଭଳି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ। ହଜାର ହଜାର ଦର୍ଶକ ଉପସ୍ଥିତ ରହି କଳାକାରଙ୍କୁ ଉତ୍ସାହିତ କରିଥିବାବେଳେ ଅସମ୍ଭାଳ ଭିଡ଼ରେ ସୃଷ୍ଟି ହୋଇଥିଲା ଦଳାଚକଟା ପରିସ୍ଥିତି।

ଅନୁଗୋଳ ଜିଲାର ବଛାବଛା କଳାକାରଙ୍କୁ ନେଇ ଆରମ୍ଭ ହୋଇଥିଲା ଶନିବାର ଦ୍ୱିତୀୟ ସନ୍ଧ୍ୟା। ଆଦିବାସୀ ବେଶପୋଷାକରେ ମୟୂର ପୁଚ୍ଛ ପିନ୍ଧିଥିବା କଳାକାରଙ୍କ ପାରମ୍ପରିକ ବାଦ୍ୟରେ ପ୍ରକମ୍ପିତ ହୋଇଉଠିଥିଲା ମଞ୍ଚ। ଏହାପରେ ରଘୁରାଜପୁର ଶିଳ୍ପୀମାନେ ପରିବେଷଣ କରିଥିଲେ ପ୍ରସିଦ୍ଧ ଗୋଟିପୁଅ ନୃତ୍ୟ। ସେମାନଙ୍କ କୌଶଳ ଅଙ୍ଗଭଙ୍ଗୀ, କଳାକୌଶଳକୁ ମନଭରି ଉପଭୋଗ କରିଥିଲେ ଆବାଳବୃଦ୍ଧ ବନିତା। ଏହାପରେ ହାଇଦ୍ରାବାଦରୁ ଆମନ୍ତ୍ରିତ ହୋଇ ଆସିଥିବା କମେଡିଆନ ରୋହିତ୍ କୌତୁକିଆ ଢଙ୍ଗରେ ପରିବେଷଣ କରିଥିଲେ ମନଛୁଆଁ କମେଡି। ସେହିପରି ଓଡ଼ିଆ ସିଙ୍ଗର ଆଶୁତୋଷ ରହିଜା ରଘୁଆ.. ଔଷଧ ନେଇ ଆ ଜାନିଆ... ବୋଉ ମାରିବ... ଉଡ଼ାଇଦେବି ଫ୍ଲାଇଂ କିସ୍... ଗୀତ ଦର୍ଶକଙ୍କୁ ନଚାଇବାକୁ ବାଧ କରିଥିଲା। ହେଲେ ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ବଲିଉଡ୍‌ର ଖ୍ୟାତନାମା ଗାୟକ ତଥା ମ୍ୟୁଜିକ୍ କମ୍ପୋଜର ସଚେତ୍-ପରମ୍ପରା। ଉଭୟେ ସିନେମେ ତେରେ ସର୍ କୋ... ହମ୍ମା ହମ୍ମା... ମେରି ସୋନିଆ ଓ୍ୱେ...ରସ୍‌କେ କମର ଏବଂ ସମ୍ବଲପୁରୀ ଗୀତ ରଙ୍ଗବତୀ ଗାଇ ବେଶ୍ ମନୋରଞ୍ଜନ କରିଥିଲେ। ତେବେ ସଚେତ୍-ପରମ୍ପରା ମଞ୍ଚକୁ ଆସିବା ପରେ ସୃଷ୍ଟି ହୋଇଥିଲା ଦଳାଚକଟା ପରିସ୍ଥିତି। ବହୁ ଦର୍ଶକ ଭଙ୍ଗା ଗ୍ୟାଲେରିକୁ ଉଠିଯାଇଥିଲେ। ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ସେମାନଙ୍କୁ ତଳକୁ ଓହ୍ଲାଇବା ପାଇଁ ପ୍ରଶାସନକୁ ନେହୁରା ହେବାକୁ ପଡ଼ିଥିଲା। ସେହିପରି ବ୍ୟାରିକେଡ୍ ଭାଙ୍ଗିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ଛୋଟ ଛୋଟ ବିଶୃଙ୍ଖଳାକୁ ବାଦ୍‌ଦେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଉପସ୍ଥିତି ଓ କରତାଳି ମାଡ଼ରେ ଅନୁଗୋଳ ଷ୍ଟାଡିୟମ୍ କମ୍ପିଥିଲା।


କଳାକାରଙ୍କ ପାରମ୍ପରିକ ନୃତ୍ୟ




## ବିଜେଡିରୁ ୨ ବହିଷ୍କୃତ


ପ୍ରତାପ ପ୍ରଧାନ


ଶରତ ପ୍ରଧାନ

**ଅନୁଗୋଳ ଅଫିସ୍/ ଛେଣ୍ଡିପଦା(ସ୍ୱ.ପ୍ର.), ୯।୪**

ପଞ୍ଚାୟତ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ଅଭିଯୋଗରେ ବିଜେଡିରୁ ବହିଷ୍କୃତ ହୋଇଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ତୁକୁଡ଼ା ଗ୍ରାମର ପ୍ରତାପ କୁମାର ପ୍ରଧାନ ଏବଂ ଶିମିଳିପାଳ ଗ୍ରାମର ଶରତ ଚନ୍ଦ୍ର ପ୍ରଧାନ। ଦଳର ପ୍ରାଥମିକ ସଭ୍ୟ ପଦରୁ ଉଭୟଙ୍କୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ବିଧାୟକ ସୁଶାନ୍ତ ବେହେରାଙ୍କ ସୁପାରିସକ୍ରମେ ଜିଲା ସଭାପତି ମହେନ୍ଦ୍ର ବସ୍ତିଆ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଅବଗତ କରାଯାଇଥିବା ଜିଲା ସଭାପତି ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦେଇଛନ୍ତି।

## ଉଦ୍ଧାର ଶିଶୁଙ୍କ ଫିଜିଓଥେରାପି କରାଯାଉଛି

**ଢେଙ୍କାନାଳ ଅଫିସ, ୯।୪**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରୁ ଶୁକ୍ରବାର ଉଦ୍ଧାର ହୋଇଥିବା ମାନସିକ ଅନଗ୍ରସର ପୋଲିଓ ଆକ୍ରାନ୍ତ ଶିଶୁପୁତ୍ରକୁ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ଜୀବନଜ୍ୟୋତି ଅନୁଷ୍ଠାନର ଥଇଥାନ କରାଯାଇଛି। ଶନିବାର ଶିଶୁର ଚିକିତ୍ସା ସହିତ ଫିଜିଓଥେରାପି କରାଯାଉଛି। ତା'ର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ସେ ଖାଦ୍ୟ ଖାଉଛି। ତେବେ ଅଦ୍ୟାବଧି ଶିଶୁଟିର ମା'ବାପାଙ୍କ ସମ୍ପର୍କରେ କୌଣସି ତଥ୍ୟ ମିଳି ପାରି ନ ଥିବା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ ସୂଚନା ଦେଇଛନ୍ତି।

## 'ବିପଦ ସମୟରେ ସାହସ ଲୋଡ଼ା'


ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଛାତ୍ରୀମାନେ।

**ଢେଙ୍କାନାଳ ଅଫିସ୍, ୯।୪**

ଢେଙ୍କାନାଳ ସାନ୍ଧ୍ୟ କନିଷ୍ଠ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ମାନଗୋବିନ୍ଦ ଗୋଚ୍ଛିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ଅକ୍ଷୟ ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବିପଦ ସମୟରେ ସାହସ ଏବଂ ଧୈର୍ଯ୍ୟ ଲୋଡ଼ା। ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ ଛାତ୍ରୀଙ୍କୁ ଏ କ୍ଷେତ୍ରରେ ମାନସିକ ଶକ୍ତି ପ୍ରଦାନ କରିବ ବୋଲି ସେ କହିଥିଲେ। ସଂଯୋଜକ ରତିକାନ୍ତ ସାହୁ, ଅଧାପକ ସୁଶାନ୍ତ ନାୟକ, ଦୁଃଶାସନ ପ୍ରଧାନ, ଅଜୟ ଦାଶ, ଅଧାପିକା ମନୋରମା ମଲ୍ଲିକ, ସୋନାଲି ମହାପାତ୍ର ସହଯୋଗ କରିଥିଲେ। ଟ୍ରେନର ପୂଜା ବେହେରା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଆୟୋଡିନ୍ ଅଭାବଜନିତ ରୋଗ ପରୀକ୍ଷା


କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ବଇଣ୍ଡା, ୯।୪(ଡି.ଏନ୍.ଏ.)**

ଆୟୋଡିନ୍ ଅଭାବରୁ ଅନେକେ ଗଳଗଣ୍ଡ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହାକୁ ରୋକିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହିକ୍ରମରେ ଶନିବାର କିଶୋରନଗର ବ୍ଲକ ଲୁହାମୁଣ୍ଡା ଏବଂ ବାଲିଜେରେଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଆୟୋଡିନ୍ ଅଭାବଜନିତ ରୋଗ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୁହାମୁଣ୍ଡାଠାରେ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ ଯୋଗଦେଇ ୬ରୁ ୧୨ବର୍ଷ ବୟସର ୯୦ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ୧୮ ଜଣ ଛାତ୍ରୀଛାତ୍ରଙ୍କ ଘରୁ ଲୁଣ, ୯ ଛାତ୍ରୀଛାତ୍ରଙ୍କଠାରୁ ପରିସ୍ରା ସଂଗ୍ରହ କରି ପରୀକ୍ଷା ପାଇଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରୀକ୍ଷା ପାଇଁ ପଠାଯାଇଛି। ସେହିପରି ବାଲିଜେରେଙ୍ଗ ବିଦ୍ୟାଳୟଠାରେ ୯୦ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ପରିଦର୍ଶକ ନାରାୟଣ ଦେହୁରୀ, ମହିଳା ସ୍ୱାସ୍ଥ୍ୟକର୍ମୀ ସସ୍ମିତା ଦେହୁରୀ, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ସମନ୍ୱୟ ରହିଲେ ଶିକ୍ଷାର ମାନ ବଢ଼ିବ'

### ପ୍ରତିଭା ସମ୍ମାନ ସମାରୋହ



କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ଭୁବନ, ୯।୪(ଡି.ଏନ୍.ଏ.)**

ଗୁରୁ ଏବଂ ଶିଷ୍ୟ ମଧରେ ସମ୍ପର୍କ କେଉଁ ଅନାଦିକାଳର। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମଧରେ ସମନ୍ୱୟ ରହିଲେ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି କହିଛନ୍ତି ଭୁବନ ଏନ୍‌ଏସି ଅଧକ୍ଷ ଶୁଭେନ୍ଦୁ ସାହୁ। ନୂଆ ଭୁବନ ନୋଡାଲ ହାଇସ୍କୁଲରେ ଶନିବାର ଆୟୋଜିତ ପ୍ରତିଭା ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସ୍କୁଲ ପରିଚାଳନା କମିଟି ସଭାପତି ବିପିନ ବିହାରୀ ସେଠୀଙ୍କ ସଭାପତିତ୍ୱରେ ବ୍ଲକ ଅଧକ୍ଷା ସିପ୍ରା ବରାଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପାଠପଢ଼ା ଉପରେ ଗୁରୁତ୍ୱ ଦେଇ ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ଅଧକ୍ଷ ଧର୍ମାନନ୍ଦ ବରାଳ, ଏନ୍‌ଏସି ଉପାଧକ୍ଷା ମାନିନି ସାହୁ, ଏବିଇଓ ରାଜଲକ୍ଷ୍ମୀ ଟୁଡୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କରୋନା ମହାମାରୀ କିପରି ଶିକ୍ଷାକୁ ପ୍ରଭାବିତ କରିଛି ଏବଂ ଏଥିରୁ ମୁକୁଳିବାର ବାଟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଭୁବନ ଏନ୍‌ଏସିର ବିଭିନ୍ନ ସ୍କୁଲର ୧୦ ପ୍ରତିଭାସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବୈଷ୍ଣବୀ ପୃଷ୍ଟି, ଦିବ୍ୟଶକ୍ତି ବେହେରା, ଶୁଭଲକ୍ଷ୍ମୀ ସାହୁ, ରୋଜାଲିନ୍ ପୃଷ୍ଟି, ଝରଣା ସାହୁ, ସୋମ୍ୟରଞ୍ଜନ ସାହୁ, ବାଦଲ ପଣ୍ଡା, ଓମ୍‌ପ୍ରକାଶ ସାହୁ, ଜାତୀୟ ମେଧା ଅନ୍ୱେଷଣରେ କୃତିତ୍ୱ ହାସଲ କରିଥିବା ଶୁଭମ୍ ସୂର୍ଯ୍ୟାଂଶୁ ସାହୁ ଏବଂ ଏନ୍‌ଏସ୍‌ଏସ୍‌ଏସ୍ ବୃତ୍ତିରେ କୃତିତ୍ୱ ଲାଭ କରିଥିବା ଆଲୋକ ପୃଷ୍ଟି ସମ୍ମାନିତ ହୋଇଥିଲେ। ମୋ' ସ୍କୁଲ ଅଭିଯାନ ପାଇଁ ସର୍ବାଧିକ ସହାୟତା ଦେଇଥିବା ପୁରାତନ ଛାତ୍ର ଅମ୍ବୁଜ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ବିଜୟ ଆଚାର୍ଯ୍ୟ, ବିଜ୍ଞାନ ଶିକ୍ଷକ ଖଗେଶ୍ୱର ବେହେରା, ସହକାରୀ ଶିକ୍ଷକ ଗୁରୁ ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

